ଧରିତ୍ରୀ
DHARITRI
ଗୁରୁବାର, ୭ ଜାନୁୟାରୀ ୨୦୨୧



# କମିଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ

ଢେଙ୍କାନାଳ ଅଫିସ, ୬।୧

ଢେଙ୍କାନାଳ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କମିଛି। ୨୦୧୯ରେ ମୃତ୍ୟୁସଂଖ୍ୟା ୧୫୭ ଥିବାବେଳେ ୨୦୨୦ରେ ୧୨୩ ଜଣଙ୍କ ଜୀବନ ହାନି ଘଟିଛି। ୨୦୧୯ ଜୁନ୍‌ରୁ ୨୦୨୦ ନଭେମ୍ବର ମଧ୍ୟରେ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବା ୧୨୯୨ ଜଣ, ସିଟ୍ ବେଲ୍ଟ ବାନ୍ଧି ନ ଥିବା ୧୬୨୯ ଜଣ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ୧୨୨ ଜଣ, ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ୧୩୦ ଜଣ ଜରିମାନା ଗଣିଛନ୍ତି। ସେହିପରି କ୍ଷମତାଠାରୁ ଅଧିକ ପରିବହନ କରୁଥିବା ୫୬୭ ଗାଡ଼ି ଏବଂ ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର କରୁଥିବା ଅଭିଯୋଗରେ ୬୫ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ବିଭିନ୍ନ କାରଣରୁ ୩୯୫ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ସଡ଼କ ସୁରକ୍ଷା ଉପଦେଷ୍ଟା କମିଟି ବୈଠକରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ନିୟମ ଭଙ୍ଗକାରୀ ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ହେଲମେଟ ଏବଂ ସିଟ୍‌ବେଲ୍ଟ ନିୟମ ବିଷୟରେ ସଚେତନତା ସୃଷ୍ଟି, ଇଣ୍ଟରସେପ୍ଟର ଯାନ ମାଧ୍ୟମରେ ଦ୍ରୁତଗତିରେ ଯାଉଥିବା ଗାଡ଼ିକୁ ଜବତ କରିବା, ଦୁର୍ଘଟଣାପ୍ରବଣ ଅଞ୍ଚଳରେ ନିୟମିତ ଯାଞ୍ଚ, ମଦ୍ୟପ ଗାଡ଼ିଚାଳକଙ୍କ ଲାଇସେନ୍ସ ରଦ୍ଦ, ହମ୍ପସ୍ ଓ ରମ୍ବଲର୍ସ ନିକଟରେ ଠିକ୍ ମାର୍କିଂ, ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ସ୍ପିଡ୍ ଲିମିଟ୍ ସାଇନବୋର୍ଡ ଲଗାଇବା, ଶୋଚନୀୟ ହୋଇପଡ଼ିଥିବା ରାସ୍ତା ମରାମତି ଲାଗି ଅଗ୍ରାଧିକାର ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଉପରେ ଗଦା ହୋଇରହୁଥିବା ନିର୍ମାଣ ସାମଗ୍ରୀ ଯୋଗୁ ଦୁର୍ଘଟଣା ଘଟୁଛି।

- ୨୦୧୯ରେ ଯାଇଥିଲା ୧୫୭ ଜୀବନ
- ୨୦୨୦ରେ ୧୨୩ ଜଣଙ୍କ ମୃତ୍ୟୁ ଘଟିଛି

ଏହାର ପ୍ରତିକାର ଲାଗି ବିହିତ ବ୍ୟବସ୍ଥା କରିବା। ମୁଖ୍ୟରାସ୍ତା ନିର୍ମାଣ ସମୟରେ କରାଯାଇଥିବା ବିକଳ୍ପ ରାସ୍ତାର ରକ୍ଷଣାବେକ୍ଷଣ, ଜିଲା ମୁଖ୍ୟ ଚିକିତ୍ସାଳୟ ସଂଲଗ୍ନ ରାସ୍ତା ପ୍ରଶସ୍ତୀକରଣ, ମହାବୀର ବଜାର ଛକର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମନ୍ୱୟ ରଖି କାମ କଲେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଯାଇପାରିବ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ଜାତୀୟ ରାଜପଥ ପ୍ରାଧିକରଣ ପରିଚାଳକ ଜି.କେ. ଦାସ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଟାଉନ ଥାନାଧିକାର ନମିତା ନାୟକ, ଏଆର୍‌ଟିଓ ଦେବାଶିଷ ସ୍ୱାଇଁ, କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ, ବିରଞ୍ଚି ନାରାୟଣ ପାଣି, ଡା. ଏସ୍.ଏନ୍. ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ‘ପଦ୍ମା’କୁ ଆପଣାଇଲା ‘ଉମା’

ଢେଙ୍କାନାଳ ଅଫିସ, ୬।୧

ମଣିଷ ଛୁଇଁବା ପରେ ପର କରିଦେଇଥିଲା ମା’। ପଲରୁ ଅଲଗା ହୋଇଯିବା ପରେ ଅନିଶ୍ଚିତତାକୁ ଠେଲି ହୋଇଯାଇଥିଲା ଭବିଷ୍ୟତ। ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତଘଟିଛି। ହାତୀ ଶାବକ ‘ପଦ୍ମା’କୁ ଆଦରି ନେଇଛନ୍ତି ରେସ୍‌କ୍ୟୁ ସେଣ୍ଟରରେ ରହୁଥିବା ୨ ହାତୀ। କପିଳାସ ଚିଡ଼ିଆଖାନାରେ ଏଭଳି ଐତିହାସିକ ମୁହୂର୍ତ୍ତର ପୁନରାବୃତ୍ତି ହୋଇଥିବାବେଳେ ଏହାର ସାକ୍ଷୀ ରହିଛନ୍ତି ବନ ବିଭାଗ କର୍ମଚାରୀ।

ବ୍ରହ୍ମପୁର ବନାଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ହାତୀ ଶାବକ ‘ପଦ୍ମା’ ଏବେ ଆଉ ଏକାକୀ ନୁହେଁ। ତାକୁ ମିଳିଛନ୍ତି ୨ ସାଥୀ। ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ରେସ୍‌କ୍ୟୁ ସେଣ୍ଟରରେ ଥିବା ଅନ୍ୟ ୨ ମାଈ ହାତୀ ଉମା ଏବଂ ହିରୋ ସହ ବୁଧବାର ଛୁଆ ହାତୀକୁ ମିଳାମିଶା କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି ଉପସ୍ଥିତ ରହି ହାତୀଙ୍କ ସ୍ୱଭାବ ପରଖିଥିଲେ। ଅଳ୍ପ ସମୟ ମଧ୍ୟରେ ଉମା ଏବଂ ହିରୋ ସହ ପଦ୍ମା ଭଲ ଭାବେ ମିଶିଯାଇଛି। ସେହିପରି ମାହୁନ୍ତ ଦୀପକଙ୍କ ପିଛା ଛାଡୁନାହିଁ। କାର୍ତ୍ତିକ ଏବଂ ଚନ୍ଦୁ ଦନ୍ତା ହାତୀ ହୋଇଥିବାରୁ ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ‘ପଦ୍ମା’ଠାରୁ ଦୂରେଇ ରଖାଯାଇଛି। ଉଭୟଙ୍କ ସହ ସହ ମିଶାଯିବା ପରେ ‘ପଦ୍ମା’କୁ ସ୍ୱତନ୍ତ୍ର ପ୍ରକୋଷ୍ଠରୁ ବାହାର କରାଯାଇ ରେସ୍‌କ୍ୟୁ ସେଣ୍ଟରକୁ ଅଣାଯିବ ଏବଂ ସେମାନଙ୍କ ଗହଣକୁ ଛଡ଼ାଯିବ। ଏ ସଂକ୍ରାନ୍ତରେ ଡିଏଫ୍‌ଓ କୁହନ୍ତି, ମିଳାମିଶା ପରେ ପଦ୍ମାକୁ ଉମା ଆପଣାଇ ନେଉଛି। ଏଭଳି କିଛିଦିନ ମିଳାମିଶା କରାଯିବ। ମାହୁନ୍ତ ଉପସ୍ଥିତିରେ ଅନ୍ୟ ହାତୀଙ୍କ ସହ ମିଶାଯିବ। ପଦ୍ମାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସେ ସୂଚନା ଦେଇଛନ୍ତି।


ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି ରେସ୍‌କ୍ୟୁ ସେଣ୍ଟରରେ ଥିବା ହାତୀ ସହ ‘ପଦ୍ମା’କୁ ମିଶାଉଛନ୍ତି।

## ସଂକ୍ଷେପରେ

### ପଥରମୁଣ୍ଡା, ଜରଡା ଗ୍ରାମବାସୀଙ୍କ ଧାରଣା ଜାରି

**କଣିହାଁ,୬।୧(ଡି.ଏନ.ଏ.):** ଅନୁଗୋଳ ଜିଲା ଏମ୍‌ସିଏଲ୍‌ର କଣିହାଁ ଓସିପି କ୍ଷତିଗ୍ରସ୍ତ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଚଳାଇଛନ୍ତି। ଖଣି ପାଇଁ ଜମି ହରାଇଥିବା ପଥରମୁଣ୍ଡା ଗ୍ରାମର ୨୫ ପରିବାର ଗତ ଅକ୍ଟୋବର ୯ ତାରିଖରୁ ନିଯୁକ୍ତି ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଛନ୍ତି। ସେହିପରି ଖଣିକ୍ଷତିଗ୍ରସ୍ତ ଜରଡାଗ୍ରାମବାସୀ ପୁନଃବସତି ପାଇଁ ପଥରମୁଣ୍ଡା ଏରିଆରେ ଜାଗା ପ୍ରଦାନ, ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ଆଦି ଦାବିରେ ଗତ ୧ ତାରିଖରୁ ଧାରଣା ଦେଇଛନ୍ତି। ଏ ନେଇ ଜରଡା ଗ୍ରାମ କମିଟି ସଭାପତି ତଅଁଳା ସାହୁ, ସମ୍ପାଦକ ଭରତ ବେହେରା କହିଛନ୍ତି, ମଙ୍ଗଳବାର ଆନ୍ଦୋଳନସ୍ଥଳକୁ କଣିହାଁ ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର ଜମି ଅଧିଗ୍ରହଣ ଅଧିକାରୀଙ୍କ ସମେତ ଖଣି କର୍ତ୍ତୃପକ୍ଷ ଆସି ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଧାରଣା ଜାରି ରହିଥିବା ସୂଚନା ମିଳିଛି।

### ଜବରଦଖଲମୁକ୍ତ ହେଲା ସରକାରୀ ଜମି

**ବଅଁରପାଳ,୬।୧(ଡି.ଏନ.ଏ.):** ବଅଁରପାଳ ତହସିଲ ଅଫିସ ଓ ବଉଳଛକ ନିକଟରେ ଜବରଦଖଲରେ ଥିବା ସରକାରୀ ଜମିକୁ ବୁଧବାର ଜବରଦଖଲମୁକ୍ତ କରାଯାଇଛି। ଏ ନେଇ ସ୍ଥାନୀୟ ଲୋକେ ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାର ଜିତେନ୍ଦ୍ର ସାହୁ ପୋଲିସ ଫୋର୍ସ ସହ ପହଞ୍ଚି ସରକାରୀ ଜମିରୁ ଜବରଦଖଲ ହଟାଇଥିଲେ। ତହସିଲଦାର ସାହୁ କହିଛନ୍ତି, କେତେଜଣ ଲୋକ ସରକାରୀ ଜମି ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। କେତେଜଣ ଘରେ ତାଲା ପକାଇ କେଉଁଆଡେ ପଳାଇଥିବାରୁ ଉକ୍ତ ଘରଭଙ୍ଗା ହୋଇପାରିନାହିଁ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ପରଜଙ୍ଗ, ୬।୧(ଡି.ଏନ.ଏ.):** ପରଜଙ୍ଗ ଥାନା ଡିହତୋଳ-ମହାବିରୋଡ ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳାସ ଗ୍ରାମ ନିକଟ ମଧୁବନ ଛକରେ ବୁଧବାର ସକାଳେ ଦୁର୍ଘଟଣା ଘଟିଛି। ଏଥିରେ ଖଇରାମୁଣ୍ଡା ଗ୍ରାମର ଭାଗ୍ୟବାନ ସାହୁ (୪୦)ଙ୍କ ମୃତ୍ୟୁ ଘଟିଛି। ସେ ଏକ ବାଇକ୍‌ରେ ତାଳଚେରରୁ କୋଇଲା ଧରି ମହାବିରୋଡ ଅଞ୍ଚଳକୁ ଯାଉଥିବାବେଳେ ଏକ ଗାଡ଼ି ସମ୍ମୁଖରୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଘଟଣାର ତଦନ୍ତ ଜାରିରହିଥିବା ଥାନା ପକ୍ଷରୁ କୁହାଯାଇଛି।

### ଠାକୁରଗଡ଼ ଚାମ୍ପିୟନ

**ବଇଣ୍ଡା,୬।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ କୁରୁମଟାପ ଗ୍ରାମ ଖେଳ ପଡିଆରେ ଚାଲିଥିବା ଜୟବଜରଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଣ୍ଡପା କ୍ରିକେଟ କ୍ଲବକୁ ହରାଇ ଠାକୁରଗଡ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଠାକୁରଗଡ ବ୍ୟାଟିଂ କରି ୯୬ ରନ କରିଥିଲା। ଜବାବରେ ହଣ୍ଡପା ୪୭ ରନ କରି ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବାଶିଷ ସାହୁ, ତୋଫାନ ରାଉଳ, ସୁବ୍ରତ ସାହୁ, ଅଶୋକ ସାହୁ, ଭରତ ମିର୍ଦ୍ଧା ପ୍ରମୁଖ ଯୋଗ ଦେଇଥିଲେ। ଗଣେଶ୍ୱର ମିର୍ଦ୍ଧା ଓ ବଟୁ ସାହୁ ପରିଚାଳନା କରିଥିଲେ।

### କୁଟୁରା ମାଂସ ଜବତ, ଶିକାରୀ ଗିରଫ

**ଢେଙ୍କାନାଳ ଅଫିସ, ୬।୧:** ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ବାବନ୍ଧ ଗ୍ରାମ୍ୟ ଜଙ୍ଗଲରେ ବୁଧବାର କୁଟୁରା ମାଂସ କାଟୁଥିବାବେଳେ ବନ ବିଭାଗ ହାତରେ ଜଣେ ଶିକାରୀ ଧରାପଡ଼ିଛନ୍ତି। ସେ ହେଲେ ସୁଶାନ୍ତ ସାହୁ (୩୨)। ତାଙ୍କର ଅନ୍ୟଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି। ବନ କର୍ମଚାରୀ ୭ କେଜି ମାଂସ ଜବତ କରିଛନ୍ତି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ। ଜଙ୍ଗଲରେ ଜନ୍ତୁମାଂସ କାରବାର ହେଉଥିବା ସୂଚନା ପାଇ ରେଞ୍ଜର ଲୋହିତ ରଥଙ୍କ ନିର୍ଦ୍ଦେଶରେ ଭାରପ୍ରାପ୍ତ ବନପାଳ ବିଘ୍ନେଶ୍ୱର ବିଶ୍ୱାଳଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

# ସ୍କୁଲ ସ୍ଥିତି ପରଖିଲେ ନୋଡାଲ ଅଧିକାରୀ


ନୋଡାଲ ଅଧିକାରୀ ସ୍କୁଲ ପରିଦର୍ଶନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୬।୧

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାନୁୟାରୀ ୮ରୁ ସମସ୍ତ ହାଇସ୍କୁଲ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିବ। ଏଥିପୂର୍ବରୁ ପ୍ରସ୍ତୁତି ତଦାରଖ କରିବାକୁ ଭୁବନେଶ୍ୱରସ୍ଥିତ ରାଜ୍ୟ ପାଠ୍ୟପୁସ୍ତକ ପ୍ରକାଶନ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ବିକାଶ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଢେଙ୍କାନାଳ ଗସ୍ତରେ ଆସିଥିଲେ।

ସେ ଶ୍ରୀବଳରାମ ହାଇସ୍କୁଲ, ସପ୍ତଶଯ୍ୟା ହାଇସ୍କୁଲ, ଶଙ୍କରପୁର ହାଇସ୍କୁଲ, ଭୋଳେଶ୍ୱର ଧଳ ହାଇସ୍କୁଲ, ଗୋହିରାଖାଲ ପ୍ରାଥମିକ ବିଦ୍ୟାଳୟ, ଦାଣ୍ଡିମାଳ ହାଇସ୍କୁଲ ପରିଦର୍ଶନ କରିବା ସହ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ହୋଇଥିବା ପ୍ରସ୍ତୁତିର ତର୍ଜମା କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ସାକ୍ଷାତ କରି ପାଠପଢ଼ା ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଯୋଗଦେଇ ଶିକ୍ଷାଦାନ ପୂର୍ବରୁ ପ୍ରସ୍ତୁତି, ମନିଟରିଂ ଟିମ୍ ଏବଂ ବାଇକ୍ ଟିମ୍ ଗଠନ, ସ୍କୁଲ ଆସୁ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ ଶ୍ରେଣୀ ପରିଚାଳନା, ୧୦୦ ଦିନ ସାଧାରଣ ପାଠ୍ୟକ୍ରମ ପ୍ରସ୍ତୁତି ଆଦି ବିଷୟରେ ବିଇଓ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସହଯୋଗ କଲେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିବ। ପିଲାମାନେ ଉପକୃତ ହେବେ ବୋଲି ନୋଡାଲ ଅଧିକାରୀ କହିଛନ୍ତି।

# ‘ଅର୍ଥନୀତି ସଜାଡ଼ିବ ବହୁମୁଖୀ ନିଯୁକ୍ତି’

ଢେଙ୍କାନାଳ ଅଫିସ, ୬।୧

ମହାମାରୀ କରୋନା ଦ୍ୱାରା ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି। ଶିଳ୍ପ ବିକାଶ ସହିତ ବହୁମୁଖୀ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲେ ଉଜୁଡ଼ା ଅର୍ଥନୀତି ବଦଳିବ। ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେବା ଲାଗି କୃଷି ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ସରକାର ଅଧିକ ଧ୍ୟାନଦେବା ଆବଶ୍ୟକ ବୋଲି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ମଙ୍ଗଳବାର ‘ଜୀବନଜୀବିକା ଓ ଭାରତ ଅର୍ଥବ୍ୟବସ୍ଥାରେ କୋଭିଡ୍-୧୯ର ପ୍ରଭାବ’ ଶୀର୍ଷକ ଅନ୍ତର୍ଜାତୀୟ ୱେବିନାରରେ ମତବ୍ୟକ୍ତ କରିଛନ୍ତି ବିଶେଷଜ୍ଞ। ଅତିଥି ଭାବେ ବିଶ୍ୱବ୍ୟାଙ୍କ ପ୍ରମୁଖ ପରାମର୍ଶଦାତା ପ୍ରଫେସର କୁମରବର ଦାସ, ପୁନେସ୍ଥିତ ଗୋଖଲେ ରାଜନୀତି ଏବଂ ଅର୍ଥନୀତି ଅନୁଷ୍ଠାନର ପୂର୍ବତନ ପ୍ରଫେସର ସୂର୍ଯ୍ୟନାରାୟଣ ତ୍ରିପାଠୀ, ପ୍ରଫେସର ଭାଗୀରଥି ପଣ୍ଡା ଯୋଗଦେଇ ଅର୍ଥନୀତି ଉପରେ କୋଭିଡ୍ ପ୍ରଭାବ ଏବଂ ମୁକୁଳିବାର ବାଟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ର, ଡ. ରଞ୍ଜିତା କୁମାରୀ ମହାନ୍ତି, ସହକାରୀ ପ୍ରଫେସର ଡ. ସଞ୍ଜିତ ମହାପାତ୍ର ଅତିଥି, ଡ. ଦେବାଶିଷ ମହାନ୍ତି, ଡ. ଦିଲୀପ ନାୟକ, ଡ. ଶିବାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ରଜନୀକାନ୍ତ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଜନହିତକର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା

ତାଳଚେର,୬।୧(ନି.ପ୍ର.)

ଜୁନିୟର ଚାମ୍ବର ଇଣ୍ଟର ନ୍ୟାଶନାଲ (ଜେସିଆଇ) ତାଳଚେର ଶାଖାର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଦାୟୀ ସଭାପତି ରାକେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତାରେ କରିଥିଲେ। ଦେଉଳବେଡ଼ାସ୍ଥିତ ମଙ୍ଗଳମ୍ ହଲ୍ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଅର୍ଥ ସେବା ବିଭାଗର ବରିଷ୍ଠ ଅଧିକାରୀ ପ୍ରମୋଦ କୁମାର ସାହୁ ଯୋଗଦେଇ ଜେସିଆଇ ହାତକୁ ନେଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜୋନ୍ ସଭାପତି ରାଜେନ୍ଦ୍ର ଜୟସ୍ୱାଲ, ଜୋନ୍ ସଭାପତି ଯୋଗିତା ଜୟସ୍ୱାଲ, ଉପସଭାପତି ଆଶିଷ କୁମାର ଅଗ୍ରୱାଲ ଓ ଉପଦେଷ୍ଟା ଡକ୍ଟର ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଗିରି ମଞ୍ଚ ପରିଚାଳନା କରିଥିଲେ। ୨୦୨୧ ବର୍ଷ ପାଇଁ ସଭାପତି ଭାବେ ବାସୁଦେବ ସାହୁ ଶପଥ ନେଇଥିଲେ। ତାଳଚେର ଜେସିଆଇର ସମ୍ପାଦକ ଭାବେ ସରୋଜ କୁମାର ଗିରି, ଉପସଭାପତି ମନିଶ ଅଗ୍ରୱାଲା, କୁଶଳ ଅଗ୍ରୱାଲା, ବିକାଶ ଅଗ୍ରୱାଲା, ଜିତେନ୍ଦ୍ର ଅଗ୍ରୱାଲା, ଆକାଶ ମୋଦି, କୋଷାଧ୍ୟକ୍ଷ ଭାବେ ଶୁକକାନ୍ତ ଆଚାର୍ଯ୍ୟ, ନିର୍ଦ୍ଦେଶକ ଭାବେ ପ୍ରତାପ କୁମାର ବାରିକ, ମୟଙ୍କ ଶର୍ମା, ବିଶ୍ୱରଞ୍ଜନ ସାହୁ, ସୁମିତ ଅଗ୍ରୱାଲ, ହିତେଶ ଅଗ୍ରୱାଲ ପ୍ରମୁଖ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ପୂର୍ବତନ ସମ୍ପାଦକ ଦିପ୍ତୀରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ମାରୱାଡି ସମାଜର ପୂର୍ବତନ ସଭାପତି ରାଜୁ ଅଗ୍ରୱାଲା, ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁଙ୍କ ସମେତ ଜେସିଆଇ ଅନୁଗୋଳର ପୂର୍ବତନ ସଭାପତି, କର୍ମକର୍ତ୍ତା ଓ ତାଳଚେରର ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

# ୧୨ ଲକ୍ଷ ଲୋକଙ୍କୁ ଦିଆଯିବ ଔଷଧ

ଅନୁଗୋଳ ଅଫିସ, ୬।୧



ଅନୁଗୋଳ ଜିଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାର୍ବଜନୀନ ଔଷଧ ସେବନ ସମ୍ପର୍କିତ ଏକ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷଣକୁ ଚିହ୍ନଟ କରି ନିଜେ ସଚେତନ ରହିଲେ ଏହାର ପ୍ରତିରୋଧ ଓ ନିରାକରଣ କରାଯାଇପାରିବ ବୋଲି ଜିଲାପାଳ କହିଥିଲେ। ଆଶା ଓ ଅଙ୍ଗନୱାଡ଼ିକର୍ମୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଆବଶ୍ୟକ ସହଯୋଗ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତି କେବଳ ସମୂହ ଔଷଧ ସେବନ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅଣୁ ଯୋଜନା ଅନୁଯାୟୀ ଆସନ୍ତା ମାସ ୧୦ରୁ ୧୨ ତାରିଖରେ ଔଷଧ ବିତରଣ ପାଇଁ ୨,୫୫୦ ଜଣ ଔଷଧ ବିତରକ ଓ ୨୫୫ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଯେଉଁମାନେ ଔଷଧ ପାଇ ନ ଥିବେ ସେମାନଙ୍କୁ ପରବର୍ତ୍ତୀ ଦିନଗୁଡ଼ିକରେ ଔଷଧ ବିତରଣ କରାଯିବ। ମୋଟ୍ ୧୨ ଲକ୍ଷ ୫୭ ହଜାର ୪୪୦ଟି ଅଲବେଣ୍ଡାଜୋଲ ବଟିକା ଓ ୩୧ ଲକ୍ଷ ୪୩ ହଜାର ୬୦୦ଟି ଡିଇସି ବଟିକା ପ୍ରଦାନ କରାଯିବ। ଏହି ବଟିକା ଖାଇବା ପାଇଁ ଜିଲାର ସମୁଦାୟ ୧୨ ଲକ୍ଷ ୫୭ ହଜାର ୪୪୦ ଜଣଙ୍କୁ ଚିହ୍ନଟ କରାଯାଇଛି। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ଦୀର୍ଘଦିନ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ। ବୈଠକରେ ଉପସ୍ଥିତ ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାସ ରୋଗର ନିୟନ୍ତ୍ରଣ ଓ ସାର୍ବଜନୀନ ଔଷଧ ସେବନ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ବାସୁଦେବ ଶତପଥୀ, ଟେକନିକାଲ ଏକ୍ସପର୍ଟ ଡାକ୍ତର ମଦନ ମୋହନ ପ୍ରଧାନ, ରାଜ୍ୟ କୀଟାଣୁବିତ୍ ଡାକ୍ତର ରବିଶଙ୍କର ପଣ୍ଡିତ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡାକ୍ତର ବି.ପି. ଦତ୍ତ, ଜିଲାସ୍ତରର ମଶାବାହିତ ରୋଗର ପରାମର୍ଶଦାତା ନିରୁପମା ଦାସଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଜିଲାସ୍ତରୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥା ଗୁଡ଼ିକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

- ଫାଇଲେରିଆ ରୋଗର ନିରାକରଣ ବୈଠକ
- ୧୦ରୁ ୧୨ ତାରିଖ ଯାଏ କରାଯିବ ବଣ୍ଟନ
- ଆବଶ୍ୟକ ସହଯୋଗ କରିବା ଉପରେ ଗୁରୁତ୍ୱାରୋପ

# ଢେଙ୍କାନାଳ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ

ଢେଙ୍କାନାଳ ଅଫିସ, ୬।୧

ଆସନ୍ତା ଫେବୃୟାରୀରେ ଢେଙ୍କାନାଳରେ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହେବ। ଜିଲାକୁ ରୋଗମୁକ୍ତ କରିବାକୁ ଔଷଧ ସେବନ ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଏଥିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସଚେତନତା ଲାଗି ୱାର୍ଡସ୍ତରରେ ରାଲି ଏବଂ ବୈଠକ କରାଯିବ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସମନ୍ୱୟ ରକ୍ଷା କରି ଏହା କରିବେ। ସ୍କୁଲ ଖୋଲିଲେ ଶିକ୍ଷକଙ୍କ ସହାୟତାରେ ପିଲାଙ୍କୁ ବଟିକା ସେବନ ବିଷୟରେ ଅବଗତ କରାଯିବ। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ଔଷଧ ସେବନର ବିଧି ବିଷୟରେ ସୂଚନା ଦେଇଥିଲେ। ଜିଲା ଭେକ୍ଟରବାହୀତ ପରାମର୍ଶଦାତା ତପନ କୁମାର ସାହୁ, ରାଜ୍ୟ ବୈଷୟିକ ବିଶେଷଜ୍ଞ ଡା. ମଦନ ମୋହନ ପ୍ରଧାନ, ରାଜ୍ୟ ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ସୁବାଶିଷ ମହାନ୍ତି, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।

# ଧାନ କିଣାକୁ ନେଇ ଅସନ୍ତୋଷ

ବଇଣ୍ଡା,୬।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ବୁଧବାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ଅମଳ ହୋଇଥିବା ଧାନ କିଭଳି ସହଜରେ ଚାଷୀମାନେ ବିକ୍ରି କରିପାରିବେ ସେଥିପାଇଁ ଆମ୍ବସରମୁଣ୍ଡା ସେବା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିବାବେଳେ ବୁଧବାର ଧାନ କିଣା ଯାଇଥିଲା। ବିଭିନ୍ନ ଗ୍ରାମରୁ ଚାଷୀମାନେ ଧାନ ଆଣି ସୋସାଇଟିରେ ଗଚ୍ଛିତ କରି ରଖିଥିଲେ। ହେଲେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ ରୁ ୫ କେଜି ଧାନ କଟାଯାଇଥିଲା। ଏହାକୁ ଚାଷୀମାନେ ବିରୋଧ କରିଥିଲେ। ତଥାପି ମିଲର ୫ କେ.ଜି. ଲେଖାଏ କାଟି ବଳକା ଧାନ ଓଜନ ଲେଖିଥିଲେ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଉପଖଣ୍ଡ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଧାନ କିଣିବା ପାଇଁ ଚାଷୀ ତ୍ରିପୁରାରୀ ପ୍ରଧାନ, ଜମ୍ବେଶ୍ୱର ସାହୁ, ଭଗବାନ ମାଝି, ମୂରଲୀ ପ୍ରଧାନ, ବୀରବର ସାହୁ, ସୁବଳ ପ୍ରଧାନ ଦାବି କରିଛନ୍ତି। ଏ ନେଇ ସମିତିର ସମ୍ପାଦକ କୁନା ପ୍ରଧାନ ଧାନ କିଣିବା ମିଲରଙ୍କ ଦାୟିତ୍ୱ କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।


ସମବାୟ ସମିତିକୁ ଚାଷୀମାନେ ଧାନ ଆଣିଛନ୍ତି।

